| | |
|---|---|
| NEWSPAPER | Prameya |
| DATE: | Tuesday, January 16, 2018 |
| EDN./PAGE: | Page 14 |

ପ୍ରମେୟ
THE PRAMEYA

# ଏଏସ୍‌ବିଏମ୍‌ରେ ଇମ୍‌କନ୍‌-୨୦୧୮

ଭୁବନେଶ୍ୱର,୧୫।୧(ବ୍ୟୁରୋ): ଆନ୍ତର୍ଜାତିକ ପ୍ରବନ୍ଧନ ସମ୍ମିଳନୀ ଇମ୍‌କନ୍‌-୨୦୧୮ ଏସିଆନ୍ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜ୍‌ମେଣ୍ଟ (ଏଏସ୍‌ବିଏମ୍) ଠାରେ ଅନୁଷ୍ଠିତ ହୋଇଯାଇଛି। 'ସ୍ମାର୍ଟ ଅର୍ଗାନାଇଜେସନ୍ ସୃଷ୍ଟି କରିବା-ବ୍ୟବସାୟକୁ ପୁନଃ ସଂଜ୍ଞାବଦ୍ଧ କରିବା' ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ଥିଲା। ତିନି ଦିନ ବ୍ୟାପୀ ଆୟୋଜିତ ଏହି ଉତ୍ସବକୁ ବେଙ୍ଗାଲୁରୁ ଉତ୍ତର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଡ. ଟି.ଡି. କେମ୍ପାରାଜୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଡ. କଲ୍ୟାଣ ଶଙ୍କର ରାୟ, ଡିନ୍, ଏଏସ୍‌ବିଏମ୍ ଅତିଥିମାନଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଏସ୍‌ବିଏମ୍‌ର ସଭାପତି ପ୍ରଫେସର ଡ. ବିଶ୍ୱଜିତ୍ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀରେ ୬୦ରୁ ଅଧିକ ବିଦେଶୀ ଅତିଥି ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମେକ୍ସିକୋ, ଥାଇଲ୍ୟାଣ୍ଡ, ଦକ୍ଷିଣ କୋରିଆ, ଆମେରିକା ଓ ନେଦରଲ୍ୟାଣ୍ଡର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ମିଳନୀର ସଂଯୋଜକ ପ୍ରଫେସର ଏମ୍.ଏନ୍ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

